# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 19 Morning – 2024

# ନିର୍ବାଚନ ପରିଚାଳନା-ମୁଖ୍ୟ ଶାସନ ସଚିବ

ରାଜ୍ୟରେ ଆଗାମୀ ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ନିରପେକ୍ଷ, ଅବାଧ ଓ ଶାନ୍ତିପୂର୍ଣ୍ଣ କରିବା ପାଇଁ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଗତକାଲି ଅନୁଷ୍ଠିତ ହୋଇଯାଇଛି । ରାଜ୍ୟରେ ୪ଟି ପର୍ଯ୍ୟାୟରେ ହେବାକୁ ଥିବା ନିର୍ବାଚନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପୋଲିସ ମୁତୟନ, ଇଭିଏମ୍ ପରିଚାଳନା, ଷ୍ଟ୍ରଙ୍ଗ ରୁମ୍ ସୁରକ୍ଷା, ମତଦାନ ଦିନ ଗୁଡ଼ିକରେ ଶାନ୍ତିଶୃଙ୍ଖଳା, ସାମାଜିକ ଗଣମାଧ୍ୟମରେ ମିଛ ଖବର ପ୍ରସାରଣକୁ ରୋକିବା ସହିତ ମାଦକ ଦ୍ରବ୍ୟର ଚୋରା କାରବାରକୁ ନିୟନ୍ତ୍ରଣ କରିବା ନେଇ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ଏଥିସହିତ ସାଇବର ଅପରାଧକୁ ନିୟନ୍ତ୍ରଣ କରିବା, ଅଭ୍ୟାସଗତ ଅପରାଧିକୁ ଗିରଫ କରିବା ନେଇ ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଅନ୍ୟପକ୍ଷରେ ନିର୍ବାଚନ ଆଚରଣବିଧି ଲାଗୁ ହେବା ପରେ ପୋଲିସ ପ୍ରଶାସନ ପକ୍ଷରୁ ଏକ ଉଚ୍ଚସ୍ତରୀୟ ବୈଠକ ମଧ୍ୟ ଗତକାଲି ପୋଲିସ ମହାନିର୍ଦ୍ଦେଶ ଅରୁଣ କୁମାର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆଇନ୍ ଶୃଙ୍ଖଳା ସ୍ଥିତିକୁ ମଝବୁତ କରିବା ସହିତ ସାମାଜିକ ଗଣମାଧ୍ୟମରେ ମିଥ୍ୟାଖବର ପ୍ରସାରଣ ଉପରେ ନଜର

ରଖିବା ପାଇଁ ଜଣେ ଆଇଜି ପାହ୍ୟାର ପୋଲିସ ଅଧିକାରୀଙ୍କୁ ନିୟୋଜିତ କରିବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା ।

## ବୁଥ୍ ସ୍ତରୀୟ ଅଧିକାରୀ-ମାସ୍କଟ

ଓଡ଼ିଶାର ନିର୍ବାଚନ ସମ୍ବନ୍ଧୀୟ ବୁଥ୍ ସ୍ତରୀୟ ଅଧିକାରୀ-ବିଏଲ୍ଓ ମାସ୍କଟ ମିତା ଦିଦିଙ୍କୁ ନିର୍ବାଚନ କମିଶନ ନିଜର ବିଏଲ୍ଓ ପ୍ରତିକାରେ ସ୍ଥାନିତ କରିଛନ୍ତି । ଏହି ଅବସରରେ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସମସ୍ତ ବିଏଲ୍ଓ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ବୁଥ୍ସ୍ତରୀୟ ଅଧିକାରୀମାନେ ଭୋଟର ତାଲିକାରେ ସଂଶୋଧନ ଏବଂ ନିର୍ବାଚନ ପରିଚାଳନା ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥାନ୍ତି । ଗଣତନ୍ତ୍ରକୁ ତୃଣମୂଳକ ସ୍ତରରୁ ଶକ୍ତିଶାଳୀ କରିବାରେ ସେମାନଙ୍କ ଦାୟିତ୍ୱକୁ ପ୍ରଶଂସା କରି ଶ୍ରୀ ଧଳ କହିଛନ୍ତି ଆସନ୍ତା ସାଧାରଣ ନିର୍ବାଚନରେ ସମସ୍ତ ବୁଥ୍ସ୍ତରୀୟ ଅଧିକାରୀମାନେ ସେମାନଙ୍କ ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିବେ ।

## ପ୍ରାର୍ଥୀ ଅଯୋଗ୍ୟ - ମୟୂରଭଞ୍ଜ

ଭାରତର ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରକାଶିତ ଅଯୋଗ୍ୟ ପ୍ରାର୍ଥୀଙ୍କ ତାଲିକାରେ ଓଡ଼ିଶାର ୩୫ଜଣଙ୍କ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାର ୬ଜଣଙ୍କ ନାମ ଥିବାର ଜଣାପଡିଛି । ମିଳିଥିବା ସୂଚନା ଅନୁସାରେ ଏହି ପ୍ରାର୍ଥୀମାନେ ଲୋକସଭା କିମ୍ବା ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ମଧ୍ୟ ନିର୍ବାଚନ ସମ୍ବନ୍ଧିତ ଖର୍ଚ୍ଚର ବିବରଣୀ ଆୟୋଗଙ୍କ ନିକଟରେ ଦାଖଲ

କରିନଥିଲେ । ଜନ ପ୍ରତିନିଧି ଆଇନ୍-୧୯୫୧ ଧାରା ୧୦(କ) ଅନୁସାରେ ଆସନ୍ତା ୩ ବର୍ଷ ପର୍ଯ୍ୟନ୍ତ ଏମାନଙ୍କୁ ନିର୍ବାଚନରେ ଲଢ଼ିବାରୁ ଅଯୋଗ୍ୟ ଘୋଷଣା କରାଯାଇଛି । ସୂଚନାଯୋଗ୍ୟ ଗତ ରବିବାର ଦିନ ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଅଯୋଗ୍ୟ ପ୍ରାର୍ଥୀ ମାନଙ୍କର ତାଲିକା ସମ୍ବନ୍ଧରେ ବିବରଣୀ ଦିଆଯାଇଥିଲା ।

## ମହାବଳ ବାଘ-ଓଡ଼ିଶା

ସୁନ୍ଦରଗଡ ଜଙ୍ଗଲକୁ ମଧ୍ୟପ୍ରଦେଶର ଏକ ମହାବଳ ବାଘ ଚାଲି ଆସିଥିବା ନେଇ ଜାତୀୟ ବ୍ୟାଘ୍ର ସଂରକ୍ଷକ କର୍ତ୍ତୃପକ୍ଷ କହିଛନ୍ତି । ରାଜ୍ୟ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ସୁଶାନ୍ତ ନନ୍ଦ ମଧ୍ୟ ସାମାଜିକ ଗଣମାଧ୍ୟମରେ ମଧ୍ୟପ୍ରଦେଶ ଜଙ୍ଗଲରୁ ମହାବଳ ବାଘଟି ଓଡ଼ିଶା ଜଙ୍ଗଲକୁ ଚାଲି ଆସିଥିବା ନେଇ ସ୍ପଷ୍ଟ କରିଛନ୍ତି । ମିଳିଥିବା ସୂଚନା ଅନୁସାରେ ମଧ୍ୟପ୍ରଦେଶର ସଞ୍ଜୟ ଡୁବ୍ରୀ ବ୍ୟାଘ୍ର ଅଭୟାରଣ୍ୟରୁ ଏହି ମହାବଳ ବାଘଟି ପାଖାପାଖି ୧ହଜାର କିଲୋମିଟର ଅତିକ୍ରମ କରି ଓଡ଼ିଶା ଆସିଥିବା କୁହାଯାଇଛି । ସୂଚନାଯୋଗ୍ୟ ଓଡ଼ିଶାରେ ବର୍ତ୍ତମାନ ୩୦ଟି ବାଘ ଅଛନ୍ତି । ଏମାନଙ୍କ ମଧ୍ୟରେ ୮ଟି ବାଘ ଛୁଆ ଥିବା ବନ୍ୟପ୍ରାଣୀ ସଂରକ୍ଷକ କହିଛନ୍ତି ।

## ଶ୍ରୀଜୀଉଙ୍କ ସୁନାବେଶ

ପୁରୀ ଶ୍ରୀମନ୍ଦିରରେ ଆସନ୍ତା ଦୋଳପୂର୍ଣ୍ଣମୀ ଦିନ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ । ଏହାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବାକୁ ଛତିଶାନିଯୋଗ

ବୈଠକରେ ଆଲୋଚନା କରାଯାଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦୋଳପୂର୍ଣ୍ଣିମା ଏବଂ ମେଣ୍ଢାପୋଡ଼ି ନୀତି ନିର୍ଘଣ୍ଟ ସହିତ ପୂର୍ଣ୍ଣମୀ ଦିନ ସକାଳ ୮ଟାରୁ ୯ଟା ମଧ୍ୟରେ ଠାକୁରମାନେ ସୁନାବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବାପାଇଁ ପ୍ରସ୍ତୁତି କରିବା ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା ।

## ଆୟକର ଦାଖଲ

କେନ୍ଦ୍ରୀୟ ପ୍ରତ୍ୟେକ୍ଷ କର ବୋର୍ଡ - ଆୟକର ବିଭାଗ ପକ୍ଷରୁ ୨୦୨୧-୨୨ ବର୍ଷର ଅପ୍‌ଡେଟ୍ ରିଟର୍ଣ୍ଣ ଦାଖଲ କରିବାର ସମୟସୀମା ଚଳିତମାସ ଶେଷ ତାରିଖ ରଖାଯାଇଛି । ଯଦିଓ ଆୟକର ଘୋଷଣା ଠିକ୍‌ଭାବରେ କରାଯାଇ ନଥିବ କିମ୍ବା ମୂଳ ବିବରଣୀ ଦାଖଲ ହୋଇନଥିବ ତେବେ ଏହି ସମୟସୀମା ମଧ୍ୟରେ ଆୟଗର ବିବରଣୀ ଅପ୍‌ଡେଟ୍ ରିଟର୍ଣ୍ଣ କରିବା ପାଇଁ କୁହାଯାଇଛି । ସେହିଭଳି ନିର୍ଦ୍ଧାରଣ ବର୍ଷ ୨୦୨୨-୨୩ ଏବଂ ୨୦୨୩-୨୪ର ଅପଡେଟ୍ ରିଟର୍ଣ୍ଣ ମଧ ଜଣେ ଆୟକରଦାତା ଚାହିଁଲେ ଦାଖଲ କରିପାରିବେ ବୋଲି ଆୟକର ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି ।

## ମଝିଘରିଆଣିଙ୍କ ହୁଣ୍ଡି ଗଣନା

ରାୟଗଡାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣିଙ୍କ ଦାନ ହୁଣ୍ଡି ଖୋଲାଯାଇଛି । ସ୍ଥାନୀୟ ତହସିଲଦାରଙ୍କ ତତ୍ତ୍ୱାବଧାନରେ ୯ଟି ଦାନହୁଣ୍ଡିରୁ ଗତ ୬ ମାସ ମଧ୍ୟରେ ଅଣାନବେ ଲକ୍ଷ ୭୨ହଜାର ୨୨୫ଟଙ୍କା ମିଳିଛି ।

ସେହିପରି ୬୬ଟି ବିଦେଶୀ ମୁଦ୍ରା ସମେତ ୬୨ଗ୍ରାମ୍ ସୁନା ଓ ୨ କିଲୋଗ୍ରାମ ରୂପା ମଧ୍ୟ ମିଳିଛି । ଏହି ଗଣତି କାର୍ଯ୍ୟରେ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ସଂଗଠନର ମହିଳା ଓ ପୁରୁଷ, ସ୍ୱେଚ୍ଛାସେବୀ ସଦସ୍ୟ ଏଥିରେ ନିୟୋଜିତ ହୋଇଥିଲେ ।

## ପାଣିପାଗ

କାଳବୈଶାଖୀର ପ୍ରଭାବରେ ସୁନ୍ଦରଗଡ, ଝାରସୁଗୁଡା, କନ୍ଧମାଳ, ବାଲେଶ୍ୱରର କେତେକ ସ୍ଥାନରେ ଝଡ଼ବର୍ଷା ହୋଇଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ବାଲେଶ୍ୱର ଜିଲ୍ଲାର ଭୋଗରାଇ ଅଞ୍ଚଳରେ ବଜ୍ରପାତ ଯୋଗୁଁ ଜଣଙ୍କର ମୃତ୍ୟୁ ଘଟିଥିବା ସମ୍ବାଦ ଆମର ହସ୍ତଗତ ହୋଇଛି । ପାଣିପାଗ ବିଭାଗର ସୂଚନା ଅନୁସାରେ କାଳବୈଶାଖୀର ପ୍ରଭାବ ବୃଦ୍ଧି ପାଇବ ଓ କେତେକ ସ୍ଥାନରେ କୁଆପଥର ବର୍ଷା ଏବଂ ଖୁବ୍ ଜୋର୍‌ରେ ପବନ ବହିବା ସହିତ ଝଡ଼ବର୍ଷାର ସମ୍ଭାବନା ଅଛି । ଗତ ୩୬ଘଣ୍ଟା ମଧ୍ୟରେ କନ୍ଧମାଳ ଜିଲ୍ଲାର ଖଜୁରୀପଦାଠାରେ ୪୨ ମିଲିମିଟର ବର୍ଷା ହୋଇଥିଲା । କାଳବୈଶାଖୀର ପ୍ରଭାବ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ଲାଗି ରହିବ । କଟକ, ଢ଼େଙ୍କାନାଳ, ଖୋର୍ଦ୍ଧା, ଗଞ୍ଜାମ, ନୟାଗଡ ଓ କନ୍ଧମାଳ ଜିଲ୍ଲାର କେତେକ ସ୍ଥାନରେ ଝଡ଼ବର୍ଷାର ସମ୍ଭାବନା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଆଜି ସକାଳେ କଟକ ସହର ଏବଂ ତା'ର ଆଖପାଖ ଅଞ୍ଚଳରେ ଝଡ଼ବର୍ଷା ହୋଇଥିଲା ।